ପିଲାଙ୍କ ଧରିତ୍ରୀ
ଶନିବାର , ୮ ଜୁଲାଇ, ୨୦୨୩



# ଅଳସୁଆକୁ କ୍ଷମା ନାହିଁ



ଗପ

ଗୋଟେ ସହରରେ ରତନଲାଲ ନାମକ ଜଣେ ବ୍ୟବସାୟୀ ରହୁଥିଲେ। ରତନଲାଲଙ୍କର ଗୋଟିଏ ଘୋଡ଼ାଗାଡ଼ି ଥିଲା। ଘୋଡାଗାଡ଼ିରେ ରତନଲାଲ ଜିନିଷ ବୁହାବୁହି କରନ୍ତି ଆଉ ବେଳେ ବେଳେ ଗାଡ଼ିରେ ବସି ବୁଲାବୁଲି କରିବାକୁ ଯାଆନ୍ତି। ନିଜ ଘୋଡ଼ାକୁ ନିଜ ସନ୍ତାନ ପରି ସ୍ନେହ ଆଦର କରନ୍ତି।

ବୟସ ବଢ଼ିବାରୁ ରତନଲାଲ ଆଉ ବ୍ୟବସାୟ ଚଳେଇ ପାରିଲେ ନାହିଁ। ବେପାର ବନ୍ଦ କରି ନିଜ ଗାଁକୁ ଫେରି ଯିବାକୁ ନିଷ୍ପତ୍ତି ନେଲେ। ଗାଁରେ ଜମିବାଡ଼ିରୁ ଯେତିକି ଆୟ ହେବ ଦୁଃଖସୁଖରେ ଚଳିହେବ। ହେଲେ ଘୋଡ଼ାଗାଡ଼ିକୁ ବିକିବାକୁ ଆଦୌ ମନ ହେଲାନାହିଁ। ଗାଁରେ ଘୋଡ଼ାଗାଡ଼ିର ଯତ୍ନ ନେବା ବି ସମ୍ଭବପର ନୁହେଁ। ଚିହ୍ନାଜଣାଙ୍କୁ କୁହାବୋଲା ପରେ ରାଜେଶ ନାମକ ବ୍ୟକ୍ତି ଘୋଡାର ଯତ୍ନ ନେବାକୁ ରାଜିହେଲେ। ରତନଲାଲ ରାଜେଶଙ୍କୁ କହିଲେ, ଏ ଘୋଡ଼ାଗାଡ଼ିରୁ ଯାହା କିଛି ରୋଜଗାର ହେବ ଘୋଡ଼ାକୁ ଖାଇବାପିଇବାରେ ଖର୍ଚ୍ଚ କରିଦେବ। ଦରକାର ହେଲେ ଗାଡ଼ିର ବି ମରାମତି କରି ଦେଉଥିବ। ମୁଁ ମଝିରେ ମଝିରେ ଆସି ଦେଖିବି। ମୁଁ ତୁମଠାରୁ ଗୋଟେ ଟଙ୍କା ବି ଆଶା କରୁନି। ରାଜେଶ ସବୁ କଥା ମାନିବ ବୋଲି ଜବାବ ଦେଲା। ରତନଲାଲ ଦିନ ଧାର୍ଯ୍ୟକରି ନିଜ ଗାଁକୁ ଯାତ୍ରା କଲେ ।

ରାଜେଶ ବଡ଼ ଅଳସୁଆ। ବିନା ପରିଶ୍ରମରେ କେମିତି ଟଙ୍କା ଉପାର୍ଜନ ହେବ ସେ ଉପାୟ ଖୋଜୁଥିଲା। ରାମଲାଲଙ୍କୁ ରାଜେଶ ଜବାବ ତ ଦେଲା ହେଲେ ରଖିଲା ନାହିଁ। ଘୋଡ଼ାକୁ ରାତିଦିନ ଖୁବ୍ ଖେଟେଇଲା, ହେଲେ ଭଲକି ଗଣ୍ଡେ ଖାଇବାକୁ ଦେଲା ନାହିଁ। ଘୋଡ଼ାଗାଡ଼ିରୁ ଯାହା ରୋଜଗାର ହେଲା ସବୁ ନିଜେ ଖର୍ଚ୍ଚ କରି ଉଡ଼େଇ ଦେଲା। ଦିନକୁ ଦିନ ଘୋଡା ଦୁର୍ବଳ ହେବାକୁ ଲାଗିଲା। ଗାଡ଼ିର ବି ସମୟ ସମୟରେ ଆଉ ମରାମତି କଲା ନାହିଁ। ଘୋଡ଼ା ଯେବେ ବୋଲ ନ ମାନେ ତାକୁ ଖୁବ୍ ବାଡ଼ାଏ। ସେଦିନ ରତନଲାଲ କୌଣସି କାମରେ ସହରକୁ ଆସିଥିଲେ। ଘୋଡ଼ାଗାଡ଼ିର ହାଲ୍‌ଚାଲ ବୁଝିବାକୁ ଅଚାନକ ମାଡ଼ିଗଲେ ରାଜେଶ ଘର ଆଡେ। ରତନଲାଲ ଘୋଡ଼ାର ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଗଲେ। ଦାଣ୍ଡରେ ତାଙ୍କ ଘୋଡ଼ା ବନ୍ଧା ହୋଇଥିଲା, ଆଉ ତା' ଆଖିରୁ ଲୁହ ଝରୁ ଥାଏ। ଅତ୍ୟଧିକ ଦୁର୍ବଳ କାରଣରୁ ତା' ହାଡ଼ ଗଣି ହେଇଯାଉଥାଏ। ଗାଡ଼ିଟା ବି ବହୁ ଅପରିଷ୍କାର ଦିଶୁଥାଏ। ରାଜେଶ ତାଙ୍କୁ ଦେଖି ସଙ୍ଗେସଙ୍ଗେ ଅଭିନୟ କରିବାକୁ ଲାଗିଲା। ଆଉ କହିଲା, ମୁଁ ଆଜ୍ଞା ବଡ଼ ଅସୁବିଧାରେ ପଡ଼ିଯାଇଛି । ମୋ ବେପାରରେ ବହୁତ କ୍ଷତି ହେଇ ଯାଇଛି। ଘର ପରିବାର ଚଳେଇବା ବଡ଼ କଷ୍ଟ ହେଇଗଲାଣି। ଆପଣ ମତେ କିଛି ସାହାଯ୍ୟ କଲେ ମୁଁ ଧୀରେ ଧୀରେ ଶୁଝି ଦେବି। ପ୍ରକୃତ କଥାଟି କ'ଣ ରତନଲାଲ ରାଜେଶର ହାବଭାବରୁ ଠଉରେଇ ସାରିଥିଲେ। ତେଣୁ ବଡ଼ ପାଟିରେ କହିଲେ, କଥା ଦେଇ ତୁମେ ଓହରି ଯିବ ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି। ଆଉ ମୂକ ଜୀବ ପ୍ରତି କ'ଣ ଏମିତି ଅବିଚାର କରାଯାଏ! ସେ ଗାଡ଼ି ପୂର୍ବରୁ କେମିତି ଥିଲା, ଆଉ ଏବେ କେମିତି ତୁମେ ଭଲ ଭାବରେ ଜାଣୁଥିବ। ଯିଏ ପ୍ରକୃତରେ ପଇସାର ମୂଲ୍ୟ ବୁଝେ ତାକୁ ସାହାଯ୍ୟ କରାଯାଏ ତୁମକୁ ନୁହେଁ। ତୁମେ ପରିଶ୍ରମୀ ଆଉ ସଚ୍ଚୋଟ ହୋଇଥିଲେ ମୁଁ ନିଶ୍ଚିତ ତୁମକୁ ସାହାଯ୍ୟ କରିଥାନ୍ତି। କଡ଼ା ସ୍ୱରରେ ଏତକ କହି ରତନଲାଲ ଘୋଡ଼ାଗାଡ଼ି ସହିତ ସେଠାରୁ ବିଦାୟ ନେଲେ।

**– ଦେବେନ୍ଦ୍ର କର**

ମଙ୍ଗଳାବାଗ, ନିୟୋଗି କଲୋନୀ, କଟକ

ମୋ: ୯୯୩୭୯୬୩୯୧୦

## ଖିଲି ଖିଲି ହସ

**ଭିକାରି:** ଭାଇ! ଟଙ୍କାଟିଏ ଦେ, ତିନି ଦିନ ହେଲା ଭୋକିଲା ଅଛି।
**ବ୍ୟକ୍ତି:** ତିନିଦିନ ହେଲା ଭୋକିଲା, ଟଙ୍କାଟିଏ ନେଇ କରିବୁ କ'ଣ ?
**ଭିକାରି:** ମୋ ଓଜନ ମାପିବି କେତେ କିଲୋ ଝଡ଼ିଛି।

**ଶିକ୍ଷକ:** ଚିକୁ! ତୁ ସବୁ ପକ୍ଷୀଙ୍କ ବିଷୟରେ ଜାଣିଛୁ ?
**ଚିକୁ:** ଆଜ୍ଞା, ସାର୍।
**ଶିକ୍ଷକ:** କହିଲୁ ଚିକୁ କେଉଁ ପକ୍ଷୀ ଉଡ଼ିପାରେନି ?
**ଚିକୁ:** ମରିଯାଇଥିବା ପକ୍ଷୀ।

**ଗ୍ରାହକ:** ଆପଣଙ୍କ ହୋଟେଲରେ ସଫା ଧ୍ୟାନପୂର୍ବକ କରାଯାଉଛି।
**ହୋଟେଲ ମ୍ୟାନେଜର:** ଧନ୍ୟବାଦ ସାର୍, ଆପଣ କିପରି ଜାଣିଲେ ?
**ଗ୍ରାହକ:** ମୁଁ ହୋଟେଲ୍‌ରେ ପଶୁପଶୁ ମୋ ପକେଟ୍ ସଫା ହୋଇଗଲା।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# କୋଆଲା

ଅଷ୍ଟ୍ରେଲିଆର ପୂର୍ବ ଏବଂ ଦକ୍ଷିଣ ଭାଗରେ ଦେଖିବାକୁ ମିଳନ୍ତି କୋଆଲା। ଏମାନେ ଦେଖିବାକୁ ପାଣ୍ଡା ଓ ଭାଲୁ ପରି। ଏମାନଙ୍କ ଶରୀରର ଆକାର ୬୦ରୁ ୮୫ ସେଣ୍ଟିମିଟର ପର୍ଯ୍ୟନ୍ତ ରହିଥାଏ। ଏମାନେ ପ୍ରାୟ ୧୪ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିପାରିଥାନ୍ତି।

ରହିବା ପାଇଁ ଏମାନେ ୟୁକାଲିପଟାସ ଗଛକୁ ବହୁତ ପସନ୍ଦ କରିଥାନ୍ତି। ସାଧାରଣତଃ କୋଆଲା ପାଣି ଆଦୌ ପିଅନ୍ତି ନାହିଁ କିମ୍ବା କ୍ୱଚିତ୍ ପାଣି ପିଅନ୍ତି। ଅଷ୍ଟ୍ରେଲିଆର ଦକ୍ଷିଣ କ୍ଷେତ୍ରରେ ଦେଖିବାକୁ ମିଳୁଥିବା କୋଆଲା ମାଟିଆ ରଙ୍ଗର। ୟୁକାଲିପଟାସ ପତ୍ର ଅଧିକମାତ୍ରାରେ ଖାଉଥିବା ହେତୁ କୋଆଲାର ମସ୍ତିଷ୍କ ବହୁତ ଛୋଟ ହୋଇଥାଏ ବୋଲି ବିଶେଷଜ୍ଞମାନେ କୁହନ୍ତି। ଦିନକୁ ୧୮ ଘଣ୍ଟା ଶୋଇ ରହିଥାନ୍ତି କୋଆଲାମାନେ। ବହୁ ପରିମାଣରେ ଶିକାର କରିବା ଯୋଗୁ ୧୯୨୦ରୁ ୧୯୩୦ ମଧ୍ୟରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇଥିଲା। କୋଆଲାକୁ ଜୀବନଯାପନ କରିବା ପାଇଁ ୧୦୦ଟି ୟୁକାଲିପଟାସ ଗଛ ଆବଶ୍ୟକ ହୋଇଥାଏ। କୋଆଲା ଗୋଡ଼ରେ ମଜଭୁତ ପଞ୍ଝା ରହିଥାଏ। ଏମାନେ ଦିନକୁ ଦେଢ଼ କିଲୋ ୟୁକାଲିପଟାସ ପତ୍ର ଖାଇଥାନ୍ତି। ଏପରିକି ଖାଦ୍ୟକୁ ବହୁତ ଶୀଘ୍ର ହଜମ କରିପାରିଥାନ୍ତି। ୟୁକାଲିପଟାସ ପତ୍ରରେ ଥିବା ବିଷ ମଧ୍ୟ ଏମାନଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥାଏ। କୋଆଲାର ଲୋମ ଟାଣ ହୋଇଥିବାରୁ ବର୍ଷା ହେବା ସମୟରେ ଏହା ରେନିକୋଟ୍ ଭଳି କାମ କରିଥାଏ।



**–ସୌମ୍ୟ ରଞ୍ଜନ ପଣ୍ଡା**

କ୍ରିଦାଶପୁର, ନୟାଗଡ଼,ମୋ: ୭୦୦୮୪୩୮୪୭୪

# ମତାମତ

❖ ଜଣା ଅଜଣା ପୃଷ୍ଠାରେ ପ୍ରକାଶିତ 'ଲଞ୍ଜାତାରା' ସମ୍ପର୍କରେ କେତେଟି ତଥ୍ୟ ଜାଣିବାକୁ ପାଇଲି।

– ରଞ୍ଜନ ମହାପାତ୍ର, ବାସୁଦେବପୁର, ଭଦ୍ରକ

❖ ଆଇନା ପୃଷ୍ଠାରେ ଆଞ୍ଚଲଙ୍କ ଫଟୋ ଖୁବ୍ ସୁନ୍ଦର ହୋଇଛି।

– ମନ୍ଦାକିନୀ ଦାସ, ନଏଡା, ନୂଆଦିଲ୍ଲୀ

❖ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ପ୍ରକାଶିତ 'ଆଇସ୍‌କ୍ରିମ୍ ମାରାଥନ'ରେ କିପରି ଆଇସ୍‌କ୍ରିମ୍ ଆଉଟ୍‌ଫିଟ୍ ପିନ୍ଧି ମାରାଥନ୍ କରିଥିଲେ ତାହା ଜାଣିପାରିଲି।

– ମହ୍ଲାର ମହାନ୍ତି, ପାରଳାଖେମୁଣ୍ଡି

❖ ଗତ ସପ୍ତାହରେ ପ୍ରକାଶିତ କବିତାଗୁଡିକ ପଢ଼ିବାକୁ ଭଲ ଲାଗିଲା।

– ରାହୁଲ ବେହେରା, ଖଣ୍ଡଗିରି, ଭୁବନେଶ୍ୱର

## ରଙ୍ଗ ଦିଅ




## ସୂଚନା

ଆଇନା ପୃଷ୍ଠା ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ପୃଷ୍ଠା ପାଇଁ ଚିତ୍ର, ରଙ୍ଗ ଦିଅ ପୃଷ୍ଠାରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ବର୍ଷାରେ ସ୍କୁଲ

ବର୍ଷାଦିନେ ସ୍କୁଲକୁ ଯିବାର ମଜା ଅଲଗା। କେବେ ଓଦା ହେଇଯିବାର ଭୟ ତ କେବେ ପୁଣି ବର୍ଷା ପାଇଁ ସ୍କୁଲ ଛୁଟିର ଘୋଷଣା। ଏମିତି ଆଶା ଆଶଙ୍କା ଭିତରେ ସ୍କୁଲ ଯିବାର ଅନୁଭୂତି ବି ନିଆରା।

ବର୍ଷାଦିନେ ସ୍କୁଲ ଯିବାବେଳେ ସତର୍କ ହେଇ ଯିବାକୁ ପଡିଥାଏ । ଠିକ୍ ସ୍କୁଲ ବାହାରିବା ବେଳକୁ ଯଦି ବର୍ଷା ହୁଏ ତା'ହେଲେ ଓଦା ହେବାର ଆଶଙ୍କା ରହିଥାଏ । ସେଥିପାଇଁ ବହି ବସ୍ତାନି ସହିତ ଛତା କିମ୍ବା ରେନ୍‌କୋଟ ବି ରଖିବାକୁ ପଡ଼େ । ଏସବୁ ସତ୍ତ୍ୱେ ବେଳେବେଳେ ବର୍ଷା ଛିଟାରେ ଡ୍ରେସ୍ ଓଦା ହୋଇଯାଏ ତ ପୁଣି କେବେ କାଦୁଅ ଲାଗି ଅପରିଷ୍କାର ହୋଇଯାଏ । ବର୍ଷା ପାଇଁ ତ ବେଳେବେଳେ ହଠାତ୍ ସ୍କୁଲ ଛୁଟି ହୋଇଯାଏ । ଆଉ ଯଦି ସ୍କୁଲ ଯିବାର ଇଚ୍ଛା ନ ଥାଏ ତା'ହେଲେ ବର୍ଷାର ବାହାନା ବି ଏକ ସୁନ୍ଦର ବିକଳ୍ପ ହୋଇଥାଏ ।

ଏ ଦିନେ ସ୍କୁଲ ଯିବା ପୂର୍ବରୁ ଠିକ୍‌ଭାବେ ପ୍ରସ୍ତୁତ ହୋଇଗଲେ କୌଣସି ପ୍ରକାର ଅସୁବିଧା ହୋଇ ନ ଥାଏ । ଏ ଦୃଷ୍ଟିରୁ କିଛି ଦିଗ ପ୍ରତି ଧ୍ୟାନ ଦେବା ଦରକାର ।

■ ସ୍କୁଲ ପାଖରେ ଘର ଯଦି ହୋଇଥାଏ ଏବଂ ଚାଲି କରି ଯିବାକୁ ପଡୁଥାଏ ତେବେ ବି ରେନ୍‌କୋଟ୍ ପିନ୍ଧି ଯାଆନ୍ତୁ । କାହିଁକିନା ବର୍ଷାରେ ଏକ ସମୟରେ ସ୍କୁଲ ବ୍ୟାଗ ଧରିବା ସହ ଛତା ଧରିବା ହୁଏତ ଅସୁବିଧା ହୋଇପାରେ । ତେଣୁ ରେନ୍‌କୋଟ୍ ପିନ୍ଧିଲେ ଭଲ ।

■ ଯଦି ନିଜେ ସାଇକେଲ ଚଲାଇ ସ୍କୁଲ ଯାଉଥାନ୍ତି ତେବେ ସତର୍କ ହୋଇ ଚଲାନ୍ତୁ । ଅର୍ଥାତ୍ ସ୍କୁଲ ଟାଇମ୍ ବେଳକୁ ଯଦି ଅତ୍ୟଧିକ ବର୍ଷା ଉଠାଇଥାଏ ତେବେ ଟିକେ ଆଗୁଆ ଯାଆନ୍ତୁ । ସ୍କୁଲରେ ଟିକେ ଆଗରୁ ପହଞ୍ଚିବେ ସିନା ନିରାପଦରେ ପହଞ୍ଚିଯିବେ । କିନ୍ତୁ ଅତ୍ୟଧିକ ବର୍ଷା ଏବଂ ଘଡଘଡି ହେଉଥିବା ସମୟରେ ସ୍କୁଲ୍ ନ ଯାଇ ବର୍ଷା ଛାଡିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ।

■ ଅତ୍ୟଧିକ ବର୍ଷା ସମୟରେ ବି ଯଦି ସ୍କୁଲ ଯିବାର ଥାଏ ତେବେ ନିଜେ ସାଇକେଲରେ କିମ୍ବା ଚାଲି କରି ନ ଯାଇ ଅଭିଭାବକଙ୍କ ସହିତ ଯାଆନ୍ତୁ ।

■ ବ୍ୟାଗ୍ ଭିତରେ ଥିବା ବହି ଯଦି ବର୍ଷା ପାଣି ଲାଗି ଓଦା ହେବାର ଆଶଙ୍କା ରହିଥାଏ । ତେଣୁ ବର୍ଷାଦାଉରୁ ବ୍ୟାଗ୍‌କୁ ରକ୍ଷା କରିବା ଲାଗି ବଜାରରେ ୱାଟରପ୍ରୁଫ୍ ବ୍ୟାଗ୍‌ପ୍ୟାକ୍ ମିଳୁଛି । ଏହାଦ୍ୱାରା ବ୍ୟାଗ୍‌କୁ ଭଲଭାବେ କଭର କରିହେବ । ଫଳରେ ବହିଖାତାଗୁଡିକ ସୁରକ୍ଷିତ ରହିବ ।

## ସାଙ୍ଗମାନଙ୍କ କଥା ଶୁଣିବାର ଆନନ୍ଦ



ବର୍ଷାଦିନେ ସ୍କୁଲ ଯିବାକୁ ଭଲ ଲାଗେ, ହେଲେ ବେଳେବେଳେ ଜୋର ବର୍ଷା ହେଲେ ଯଦି ଓଦା ହୋଇଯାଏ ତା'ହେଲେ କ୍ଲାସ୍‌ରେ ବସିବା ପାଇଁ ଭଲ ଲାଗେନି । ତଥାପି ବର୍ଷାରେ ସ୍କୁଲରେ ପହଞ୍ଚିବାର ଏକ ଭିନ୍ନ ଆନନ୍ଦ ଥାଏ । ସାଙ୍ଗମାନଙ୍କ ଭିତରୁ କିଏ କେତେ ଓଦା ହେଇଚି ଆଉ କିଏ ଛତା ନ ଆଣି ଅଧାବାଟରୁ ଘରକୁ ଫେରି ଯାଇଛି ଜାଣିବା ପରେ ଭାରି ମଜା ଲାଗେ । କେତେଜଣ ସାଙ୍ଗ ତ ଛତା ଆଣିଥିଲେ ବି ଜାଣି ଜାଣି ଅଧିକ ଓଦା ହୋଇ ସ୍କୁଲ ଆସନ୍ତି ଆଉ ସାର୍ ତାଙ୍କୁ ଓଦା ହୋଇଥିବା ଦେଖି ଘରକୁ ଫେରିଯିବାକୁ କୁହନ୍ତି । ତେଣୁ ବର୍ଷାଦିନେ ସ୍କୁଲ ଯିବାଆସିବାକୁ ନେଇ ସବୁଦିନ ନୂଆ ନୂଆ ଅନୁଭୂତି ରହିଥାଏ ।

**-ସ୍ୱୟଂପ୍ରଭା ମହାନ୍ତି**
କ୍ଲାସ-୮, ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ଭଦ୍ରକ

## ମନ ଖୁସି ହୋଇଯାଏ



ବର୍ଷାଦିନେ ସ୍କୁଲ ଯିବାକୁ ଭାରି ମଜା ଲାଗେ । ସବୁଆଡ଼େ ବହୁତ ସୁନ୍ଦର ଦେଖାଯାଏ । ଆଉ ଗାଡିରେ ବସି ସ୍କୁଲ ଯିବାବେଳେ ଯଦି ଜୋରରେ ବର୍ଷା ହୁଏ ମନ ଖୁସି ହୋଇଯାଏ । ଗାଡି ବାହାରକୁ ହାତ ବାହାର କରି ବର୍ଷା ପାଣିକୁ ଛୁଇଁବାକୁ ବି ଇଚ୍ଛା ହୁଏ । ରାସ୍ତା ଉପରେ ପାଣି ପଡିବାର ଦୃଶ୍ୟ ଭାରି ସୁନ୍ଦର । ଆଉ ସ୍କୁଲରେ ପହଞ୍ଚିବା ପରେ ବି ପ୍ରତି ପିରିୟଡ ପରେ ଝରକା ବାଟେ ଟିକେ ବର୍ଷା ଦେଖିଦେଲେ ମନ ଖୁସି ହୋଇଯାଏ ।

**-ଆୟୁଷ୍ମାନ ମହାନ୍ତି**
କ୍ଲାସ-୫, ଷ୍ଟିୱାର୍ଟ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

## ଛତା ଆଣିବାକୁ ଭୁଲିଯାଏ



ସ୍କୁଲ ବ୍ୟାଗର ଓଜନ ବର୍ଷାଦିନେ ବହୁତ ହୋଇଯାଏ । କାହିଁକିନା ବହି ସହିତ ବ୍ୟାଗ ଭିତରେ ସବୁଦିନ ରେନ୍‌କୋଟ୍ ବି ନେବାକୁ ହୁଏ । ତା' ଛଡା ବର୍ଷାରେ ରେନ୍‌କୋଟ୍ ପିନ୍ଧି ଯିବାପରେ ସ୍କୁଲରେ ଖୋଲି ଶୁଖାଇବାବେଳେ ଅନେକ ଥର ଆଣିବାକୁ ଭୁଲିଯାଏ । ଏମିତି ଥରେ ରେନ୍‌କୋଟ୍ ଓ ଦି'ଟା ଛତା ହଜେଇ ଦେଇଛି । ଏହି ଟେନସନ୍‌କୁ ଛାଡିଦେଲେ ବର୍ଷାଦିନେ ଆଉ ସବୁ ଭଲ ଲାଗେ । ସ୍କୁଲରୁ ଫେରିବା ପରେ ମା' ସବୁଦିନ ମୋ ପାଦରେ ତେଲ ମାଲିସ୍ କରେ ଆଉ ନଖ ଉଷୁମକ୍ଷୀର ପିଇବାକୁ ଦିଏ ।

**-ଦିବ୍ୟଜ୍ୟୋତି ବାରିକ**
କ୍ଲାସ-୭, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରଘୁନାଥପୁର, ଜଗତସିଂହପୁର

## ମଜା ଲାଗେ



ସ୍କୁଲ ଯିବା ସମୟରେ ଯଦି ଖୁବ୍ ଜୋର୍‌ରେ ବର୍ଷା ହୁଏ ତା'ହେଲେ ଭାରି ମଜା ଲାଗେ । ବର୍ଷା ହେବାବେଳେ ଯେଉଁ ଶବ୍ଦ ହୁଏ ତାହା ଏକ ସୁନ୍ଦର ମ୍ୟୁଜିକ୍ ଭଳି ଲାଗେ । ଏମିତି ଏକ ପରିବେଶରେ ପାଠ ପଢିବାକୁ ବି ବହୁତ ଭଲ ଲାଗେ । ବେଳେବେଳେ ବର୍ଷା ପାଇଁ କିଛି ସମୟ ପାଠପଢା ବନ୍ଦ ହେଇଥାଏ, କାହିଁକି ନା ଏତେ ଜୋରରେ ବର୍ଷା ହୁଏ ଯେ ପାଠ ପଢାଇବାବେଳେ କିଛି ଶୁଭି ନ ଥାଏ । ତେଣୁ ବର୍ଷା ଆଡକୁ ସମସ୍ତଙ୍କର ପୂରା ଆଟେନଶନ୍ ରହିଥାଏ । ଆଉ ସ୍କୁଲ ପାଖରେ ରାସ୍ତାରେ ପାଣି ଜମି ରହିଥିବାବେଳେ ବେଳେବେଳେ ଆମେ ସବୁ ସାଙ୍ଗ ମିଶି କାଗଜରେ ଡଙ୍ଗା ତିଆରି କରି ଭସାଇ ଥାଉ । ବହୁତ ମଜା ଲାଗେ ।

**- ରାମଚରଣ ସାହୁ**
କ୍ଲାସ-୫, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର










୧



୨



୩



୪




୫



୬



୭



୮

୧
**ଓମ୍‌ପ୍ରକାଶ ବାରିକ**
କ୍ଲାସ- ୯,
ବସନ୍ତପୁର ଇଂଲିଶ
ମିଡିୟମ୍ ସ୍କୁଲ,
ମୁର୍ସିଦାବାଦ,
କୋଲକାତା





୨
**ପ୍ରୀତିଶା ପ୍ରିୟମ୍ବଦା**
କ୍ଲାସ- ୫,
ଫ୍ୟୁଚର
ଭୁବନେଶ୍ୱର ସ୍କୁଲ,
ପଟିଆ, ଭୁବନେଶ୍ୱର

୩
**ଅୟସକାନ୍ତ ସାହୁ**
କ୍ଲାସ- ୫,
କେନ୍ଦ୍ରୀୟ
ବିଦ୍ୟାଳୟ,
ପୁରୀ





୪
**ପ୍ରାଚୀପଦ୍ମା ତ୍ରିପାଠୀ**
କ୍ଲାସ- ୧,
ବିକାଶ ଗ୍ଲୋବାଲ
ସ୍କୁଲ, ଖଣ୍ଡଗିରି,
ଭୁବନେଶ୍ୱର

୫
**ସୌମ୍ୟା ସେଫାଳିକା ପ୍ରଧାନ**
କ୍ଲାସ- ୬, ଶ୍ରୀ ଅରବିନ୍ଦ
ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର,
ମାଧପୁର, ଅନୁଗୁଳ





୬
**ପରାଗ ସାଇ କର**
କ୍ଲାସ- ୫, ମଦର୍ସ
ପବ୍ଲିକ ସ୍କୁଲ,
ଖଣ୍ଡଗିରି,
ଭୁବନେଶ୍ୱର

୭
**ତାନଭି ମିଶ୍ର**
କ୍ଲାସ-୩,
ଜନ ଗନ ମନ ସ୍କୁଲ,
ଡୋମ୍ବିଭିଲି,
ମୁମ୍ବାଇ





୮
**ପ୍ରତୀକ ଅଦାବର**
କ୍ଲାସ- ୩, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ବୀରମହାରାଜପୁର,
ସୁବର୍ଣ୍ଣପୁର



କବିତା

## ସରଗପୁରୀ ମୋ ଗାଁ

ସରଗପୁରୀ ମୋ ଗାଁ
ସବୁଠୁଁ ପ୍ରିୟ ଜନମ ମାଟି
ଗରବେ କହେ ବାହାକୁ ଛାଟି
ଏତେ ବଢ଼ିଆ ଛଇ ଛବିଳ
କୁହ ତ ଅଛି କାହାଁ ?
ଏଇ ଗାଆଁର ଚାଷୀ ବାପୁଡ଼ା
କଳା କଷରା ଦୁଇ ଦାମୁଡ଼ା
ସାଥୀରେ ନେଇ ବିଲକୁ ଯାଏ
କୁଆ ରାବିଲେ କାଆ।
ସକାଳୁ ଖାଏ ପଖାଳ କଂସେ
ସୁନା ଫସଲ ତା' ପାଇଁ ହସେ
ମଗୁଶିରରେ ଘରଣୀ ତା'ର
ପୂଜେ ଲକ୍ଷ୍ମୀ ମାଆ।
ଅତି ସିନେହୀ ମମତାମୟୀ
ସୁଖ ଦୁଃଖରେ ଚିର ବିନୟୀ
ମନରେ ଅଛି, ମାନଚିତ୍ରରେ
ରହୁ ତାଆରି ନାଆଁ।

**– ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
ବେଦବ୍ୟାସ, ରାଉରକେଲା
ମୋ : ୯୦୯୦୩୩୦୮୫୯

## ଝପର ଝପ

ଝପର ଝପର ଝପ
ସବୁଠାରୁ ଭଲ ସତ କହିବାଟା
ମିଛ ଅଟେ ପରା ପାପ।
ଗପ କହିବାକୁ ବସିଗଲେ ଆଈ
ପିଲାଏ ପକାନ୍ତି ସପ।
ବରଷାକୁ ଦେଖି ମନ ଆନନ୍ଦରେ
ବେଙ୍ଗ ଡିଏଁ ଖପ ଖପ।
ପବନା ବୋଉଟା ଧାନ କୁଟୁଥିଲେ
ଢିଙ୍କି ହୁଏ ଢପ ଢପ।
ମାଆ କୋଳରେ ଶୋଇଯାଏ କୁନା
ଶୁଣି ଶୁଣି କେତେ ଗପ।

**– ଯଜ୍ଞଦତ୍ତ ସାମନ୍ତରାୟ**
କବିସୂର୍ଯ୍ୟନଗର, ଗଞ୍ଜାମ
ମୋ: ୯୩୩୭୪୪୯୨୪

## ଘର ଚଟିଆ

ଘର ଚଟିଆରେ ଘର ଚଟିଆ
ଛୋଟିଆ ପକ୍ଷୀଟି ଭାରି ବୁଦ୍ଧିଆ
ମଣିଷର ଅଟେ ବନ୍ଧୁ।
ନିତି ପ୍ରଭାତରେ ଚିଁ ଚିଁ ରାବୁ
ରାବି ରାବି ସତେ କରୁଛୁ ପ୍ରାର୍ଥନା
କଥା ଶୁଣ ଆହେ ବିଭୁ !
ନୀଡ଼ଟିଏ ରଚୁ କାଠିକୁଟା ନେଇ
ସାଥୀ ଚଟିଆକୁ ସାଙ୍ଗରେ ଧରି
ସେଇ ନୀଡ଼ଟିରେ କୁନି ବଂଶଧର
କୁନି ଅଣ୍ଡାଟିରୁ ହୁଏ ବାହାର।
କ୍ଷୁଦ୍ର ହେଉ ପଛେ ତୋର କଳେବର
ପାଉଥିବୁ ସଦା ଆମ ଆଦର
ଗଢିଛନ୍ତି ତୋତେ ଯେଉଁ ଈଶ୍ୱର
ପାଦ ତଳେ ତାଙ୍କ କୋଟି ଜୁହାର।

**– ସତ୍ୟନାରାୟଣ ପ୍ରସାଦ ନାୟକ**
ରଥରୋଡ, ଭୁବନେଶ୍ୱର
ମୋ: ୯୪୩୭୭୬୪୦୧୪

## ଉପହାର



ଜନମ ଦିନରେ ସାଙ୍ଗକୁ ତୁମର
ଯାହା ଦିଅ ଉପହାର
ଚାରାଟିଏ ନିଶ୍ଚେ ଉପହାର ଦେଇ
କହିବ ଯତନ କର।

ବାପା ମାଆ ଶୁଭ ବିବାହ ବାର୍ଷିକୀ
ଆସୁଛି ବର୍ଷରେ ଥରେ
ଚାରାଟିଏ ତାଙ୍କୁ ଉପହାର ଦେବ
ଅତ୍ୟନ୍ତ ଖୁସି ମନରେ।

ବଡ଼ ଭାଇ ଅବା ଭଉଣୀ ତୁମର
ପରୀକ୍ଷାରେ ଭଲ କଲେ
ଚାରାଟିଏ ଦେଇ ଉପହାର ତାଙ୍କୁ
ମୁରୁକି ହସିବ ଧୀରେ।

ଚାରା ଉପହାର
ଅମୂଲ୍ୟ ଅଟଇ
ଯତନେ ବଢ଼ାଅ ତାକୁ
ଜଙ୍ଗଲ ବଢ଼ାଇ ସୁସ୍ଥରେ
ରଖିବା
ଆମ ଜୀବ ଜଗତକୁ।

**– ସନ୍ତୋଷ କୁମାର ଅଦାବର**
ବୀରମହାରାଜପୁର,
ସୁବର୍ଣ୍ଣପୁର

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ହାଇ ହିଲ୍ସରେ ରେକର୍ଡ

ହାଇ ହିଲ୍ସ ପିନ୍ଧି ଚାଲିବା ହୁଏତ କେତେକଙ୍କ ପାଇଁ କଷ୍ଟକର ହୋଇଥାଏ। କିନ୍ତୁ ଅଭ୍ୟାସ ବଳରେ ସବୁକିଛି ସମ୍ଭବ କରିହେବ। ଏମିତିକି ହାଇହିଲ୍ସ ପିନ୍ଧି ଖୁବ୍ ଜୋରରେ ଦୌଡିବା ବି ଅତି ସହଜ ହୋଇପାରେ। ଏଭଳି ଏକ କାମ କରି ଦେଖାଇଛନ୍ତି ସ୍ପେନର ଖ୍ରୀଷ୍ଟିଆନ ରୋବର୍ଟୋ ଲୋପେଜ୍ ରୋଡ୍ରିଜ୍। ହାଇ ହିଲ୍ସ ପିନ୍ଧି ସବୁଠୁ ଦ୍ରୁତ ଗତିରେ ଦୌଡି ଏବେ ଗିନିଜ୍ ରେକର୍ଡ କରିପାରିଛନ୍ତି।



୩୪ ବର୍ଷୀୟ ଲୋପେଜ୍ ହାଇ ହିଲ୍ସ ପିନ୍ଧି ୧୦୦ ମିଟର ଦୂରତାକୁ ମାତ୍ର ୧୨.୮୨ ସେକେଣ୍ଡରେ ଅତିକ୍ରମ କରି ରେକର୍ଡ କରିଛନ୍ତି। ହାଇ ହିଲ୍ସ ପିନ୍ଧି ଯେଉଁଠି ଲୋକଙ୍କୁ ଚାଲିବା କଷ୍ଟକର ହୋଇଥାଏ ସେତେବେଳେ ଲୋପେଜ୍ କିନ୍ତୁ ଅତି ସହଜରେ ଖୁବ୍ ଜୋରରେ ଦୌଡି ପାରନ୍ତି। ଏତେ ଦ୍ରୁତ ଗତିରେ ଦୌଡି ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି। ଅବଶ୍ୟ ଏଭଳି ରେକର୍ଡ କରିବା ପାଇଁ ସେ ଅନେକ ଦିନରୁ ଅଭ୍ୟାସ ବି କରୁଥିଲେ। ତେବେ ଲୋପେଜ୍ଙ୍କର ବିଭିନ୍ନ ପ୍ରକାର ରେକର୍ଡ କରିବାର ନିଶା ରହିଛି। ତାଙ୍କ ନାଁରେ ଏବେ ସୁଦ୍ଧା ୫୭ଟି ରେକର୍ଡ ରହିଛି। ହାଇହିଲ୍ସ ପିନ୍ଧି ତାଙ୍କ ପୂର୍ବରୁ ଉସେନ୍ ବୋଲ୍ଟ ଏଭଳି ରେକର୍ଡ କରିଥିଲେ। କିନ୍ତୁ ଏକ୍ଷେତ୍ରରେଏବେ ତାଙ୍କ ଠାରୁ ୩.୨୪ ସେକେଣ୍ଡ ପୂର୍ବରୁ ୧୦୦ ମିଟର ଅତିକ୍ରମ କରି ଏହି ରେକର୍ଡ ଭାଙ୍ଗିଛନ୍ତି ଲୋପେଜ।

# ଏଥରର



- ଦକ୍ଷିଣଆଫ୍ରିକାର ଦୀର୍ଘତମ ନଦୀ ?
- ଦକ୍ଷିଣ ଆମେରିକାର ଦୀର୍ଘତମ ନଦୀ ?
- ଯୁକ୍ତରାଷ୍ଟ୍ର ଆମେରିକାର ପୃଥିବୀପ୍ରସିଦ୍ଧ ଜଳପ୍ରପାତର ନାମ ?
- ଆଫ୍ରିକାର ଉଚ୍ଚତମ ଶୃଙ୍ଗର ନାମ ?
- କାସ୍ପିଆନ୍ ସାଗର କେଉଁ ଦେଶରେ ଅବସ୍ଥିତ ?

## ଗତଥରର




- ଯବକ୍ଷାରଜାନ
- ପାଲେଷ୍ଟାଇନ୍
- ଜାପାନ
- ଅମାବାସ୍ୟା
- ଅଙ୍ଗାରକାମ୍ଳ


## କହିଲ ଦେଖି

ଘିରି ଘିରି ଘିରି ବୁଲୁଛି
ଶୀତଳ ପବନ ଦେଉଛି
ବିଜୁଳି କଟିଲେ ଚାଲିପାରୁ ନାହିଁ
ମନଦୁଃଖ କରି ଶୋଉଛି
ଏମିତି ଦରବ ଟିଏ
ଗରମ ଦିନରେ ସେବା ଯୋଗାଇକି
ସଭିଙ୍କ ଆଦର ପାଏ !



**ଉତ୍ତର : ପଙ୍ଖା**

କାଠ ଓ କଣ୍ଟାରେ ଦେହଟି ଗଢ଼ା
ବନ୍ଧୁ ଚରଚାକୁ ହୁଏ ସେ ଲୋଡ଼ା
ପୂଜାପାଠ ବେଳେ ପୂଜକ ଭାଇ
ବସି ତା' ଉପରେ ମନ୍ତ୍ର ବୋଲଇ
ବରଣୀ ବେଳରେ ବର
ତା' ପିଠିରେ ପାଦ ଥୋଇ ଧୋଇ ହୁଏ
ନା' କହିଦିଅ ତାର !



**ଉତ୍ତର : ପିଢ଼ା**

କାଠପଟା ସଂଗେ ଲୁହାବଙ୍କା ଛୁରୀ
ଶାଳରେ ତିଆରି ହୋଇଛି
ତରକାରୀ ପାଇଁ ପନିପରିବା ଓ
ମାଛ ମାଂସ କାଟି ଦେଉଛି
ନାଆଁ କହିଦେବ ଯିଏ
ସୁନାପିଲା ହବ ସିଏ !



**ଉତ୍ତର : ପନିକି**

**– ଜଗଦୀଶ ସାହୁ**
ସଂଜପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬





# ବାତ୍ୟାବିହୀନ ଦେଶ

ଝଡ ବାତ୍ୟା ଯୋଗୁ ଅନେକ ଦେଶରେ ବହୁ କ୍ଷୟକ୍ଷତି ହୋଇଥାଏ। କିନ୍ତୁ ଏପରି ବି କେତେକ ଦେଶ ରହିଛି, ଯେଉଁଠାରେ କେବେ ବି ଝଡ଼ ତୋଫାନ ହୁଏନି । ସେହି ଦେଶ ବିଷୟରେ ଜାଣନ୍ତୁ..





**ୟୁଏଇ** (UAE)

ୟୁଏଇ ଏମିତି ଏକ ଦେଶ, ଯେଉଁଠାରେ ବାତ୍ୟା କେବେ ହୁଏନି। ଏହାର ମୁଖ୍ୟ କାରଣ ହେଉଛି ଏହି ଦେଶର ଭୌଗୋଳିକ ସ୍ଥିତି। ସଂଯୁକ୍ତ ଆରବର ଏହା ଏକ ଛୋଟ ଦେଶ ଯାହା ଓମାନ୍ ଏବଂ ସାଉଦି ମଧ୍ୟରେ ଅବସ୍ଥିତ। ଗଲ୍ଫ ଅଫ୍ ପରସିଆନ୍ ପଶ୍ଚିମ ଏସିଆର ହିନ୍ଦମହାସାଗରକୁ ଲାଗି ରହିଛି। ଏଥିଯୋଗୁ ଇରାନ୍ ଓ ଆରବ ମଧ୍ୟରେ ଅବସ୍ଥିତ ୟୁଏଇକୁ ଝଡ଼ ବତାସଠୁ ରକ୍ଷା କରିଥାଏ।

**ଲକ୍ସେମ୍ବର୍ଗ**

ଲକ୍ସେମ୍ବର୍ଗ ପଶ୍ଚିମ ୟୁରୋପସ୍ଥିତ ଏକ ଛୋଟ ଦେଶ। ଏହାକୁ ବେଲ୍‌ଜିୟମ୍, ଫ୍ରାନ୍ସ ଓ ଜର୍ମାନୀ ଭଳି କେତୋଟି ଦେଶ ଚାରିଆଡୁ ଘେରି ହୋଇ ରହିଛନ୍ତି ଏବଂ ଏହାର ତଟରେଖା ବହୁତ ଛୋଟ । ଏଥିପାଇଁ ଏଠାରେ ଝଡ଼ ତୋଫାନ ଏତେ ପ୍ରଭାବଶାଳୀ ହୋଇ ନଥାଏ।

**ସ୍ୱିଜରଲାଣ୍ଡ**

ସ୍ୱିଜରଲାଣ୍ଡ ଏମିତି ଏକ ଦେଶ, ଯାହାକୁ ଚାରିପଟରୁ ଘେରି ରହିଛି ପାହାଡ଼। ଏହାର ଭୌଗୋଳିକ ସ୍ଥିତିକୁ ନଜରରେ ରଖି ଦେଖିଲେ ଯେଉଁଠି ବାତ୍ୟା କେବେ ଦେଖିବାକୁ ମିଳେନି। ଯେଉଁମାନେ ଭ୍ରମଣ କରିବାକୁ ପସନ୍ଦ କରନ୍ତି, ସେମାନଙ୍କ ଲାଗି ଏହା ହେଉଛି ପରଫେକ୍ଟ ଡେଷ୍ଟିନେଶନ। ଅଧିକାଂଶ ୟୁରୋପୀୟ ଦେଶରେ ଝଡ଼ ତୋଫାନ ଦେଖିବାକୁ ମିଳେନି।

**ଉରୁଗୁଏ**

ବ୍ରାଜିଲ୍ ଏବଂ ଆର୍ଜେଣ୍ଟିନା ଦୁଇ ଦେଶ ମଝିରେ ଉରୁଗୁଏ ଅବସ୍ଥିତ। ତେବେ ଏହି ଦେଶରେ ମଧ୍ୟ ବାତ୍ୟା ହୁଏନି। କାରଣ ଏହା ଦକ୍ଷିଣ ଆମେରିକାର ଦ୍ୱିତୀୟ କ୍ଷୁଦ୍ରତ୍ତମ ଦେଶ। ଯେଉଁଠି ଇକ୍ୱେଟର ଲାଇନ୍ ବା ଭୂମଧ୍ୟରେଖା ବହୁତ ଦୂରରେ ଅବସ୍ଥିତ, ଏହି କାରଣରୁ ଏଠାରେ କୌଣସି ପ୍ରକାର ଝଡ଼ ତୋଫାନ ହୁଏନି।

**ସାନ୍ ମାରିନୋ**

ପୃଥିବୀର ୫ମ କ୍ଷୁଦ୍ରତ୍ତମ ଦେଶ ଭାବେ ପରିଚିତ ସାନ୍ ମାରିନୋ ଇଟାଲି ସନ୍ନିକଟ ଏକ ଛୋଟ ଦେଶ। ଏହି ଦେଶକୁ ଇଟାଲି ଘେରି ହୋଇ ରହିଛି। ଏଥିପାଇଁ ଏହାକୁ ଝଡ଼ ତୋଫାନ ପ୍ରଭାବିତ କରିବାର କୌଣସି ଭୟ ନଥାଏ।

**ଆଣ୍ଡୋରା**

ଆଣ୍ଡୋରା ଏମିତି ଏକ ଦେଶ, ଯାହା ଫ୍ରାନ୍ସ ଏବଂ ସ୍ପେନ୍ ମଧ୍ୟରେ ଅବସ୍ଥିତ । ଏହି ଦେଶକୁ ପାହାଡ ମଧ୍ୟରେ ଏକ ରତ୍ନ ବୋଲି ମଧ୍ୟ ଅଭିହିତ କରାଯାଏ। ଦେଶଟିକୁ ଚାରିପଟୁ ଚଟାଣ ଘେରି ହୋଇରହିଛି। ଏହାର କୌଣସି ତଟରେଖା ନାହିଁ। ଏଥିଯୋଗୁ ଏହା ଝଡ଼ ତୋଫାନ ପ୍ରତି ସମ୍ବେଦନଶୀଳ ହୋଇ ନ ଥାଏ।

**ମୋନାକୋ**

ମୋନାକୋ ଭୂମଧ୍ୟ ସାଗରସ୍ଥିତ ଏକ ଛୋଟ ଦେଶ। ଯାହାକୁ ଚାରିପଟୁ ଫ୍ରାନ୍ସ ଘେରି ହୋଇ ରହିଛି ଏବଂ ଏହାର ତଟରେଖା ବହୁତ ଛୋଟ। ଏଥିପାଇଁ ଏଠାରେ ଝଡ଼ର ଆଶଙ୍କା କମ୍ ଦେଖିବାକୁ ମିଳେ।

**ସାଉଥ୍ ଆମେରିକା**

ସାଉଥ୍ ଆମେରିକାକୁ ଝଡ଼ ତୋଫାନ ହେଉନଥିବା ଦେଶ ବୋଲି ମାନି ନିଆଯାଏ। ଏଠାରେ ଝଡ ତୋଫାନ ହୁଏନି ଏବଂ ସମୁଦ୍ରର ପାଣି ବି ଥଣ୍ଡା ରହିଥାଏ।



# ଥା ଉ ନା




ବିଶ୍ୱଜିତ୍ ପାଣି
୧୧ ବର୍ଷ, ଭୁବନେଶ୍ୱର

ଓମ୍ ଶୁଭମ୍ ରାଉତରାୟ
୮ ବର୍ଷ, ଭୁବନେଶ୍ୱର

